# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27 November - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ଦ୍ୱିତୀୟ ସଂଶୋଧନ ବିଲ୍ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ଆଗତ ।
- ରାଜ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ଦେଢ଼ଲକ୍ଷ ନିଯୁକ୍ତି ସୃଷ୍ଟି ହେବ କହିଲେ ମୁଖ୍ୟମନ୍ତ୍ରୀ : ୯୪୧ ନବନିଯୁକ୍ତ ଅଗ୍ନିଯୋଦ୍ଧାଙ୍କୁ ବଣ୍ଟନ କଲେ ନିଯୁକ୍ତିପତ୍ର ।
- ଦେଶବ୍ୟାପୀ "ବାଲବିବାହ ମୁକ୍ତ ଭାରତ ଜାତୀୟ ଅଭିଯାନ"ର ଶୁଭାରମ୍ଭ ।

ଏବଂ

- ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଆରମ୍ଭ ହେଲା ନୌସେନାର ସମରାଭ୍ୟାସ ।

*Assembly Review, BBSR*

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଥିଲା। ବୈଠକର ପ୍ରଥମ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର ଶୂନ୍ୟକାଳ ଓ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସେଭଳି ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କମିଟି ରିପୋର୍ଟ ପ୍ରସ୍ତାବ ସହ ଦୁଇଟି ବିଲ୍ ଆଗତ ହୋଇଥିଲା। ଏହାପରେ ବାଚସ୍ପତି ଆଜିପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଦ୍ୱିତୀୟାର୍ଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଦ୍ରବ୍ୟ ଓ ସେବାକର (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍, ୨୦୨୪ ଉପସ୍ଥାପନ କରିଥିଲେ। ଏହାପୂର୍ବରୁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ କାର୍ଯ୍ୟ ପରାମର୍ଶଦାତା କମିଟିଙ୍କ ରିପୋର୍ଟ ଗୃହରେ ଉପସ୍ଥାପନ କରିଥିବା ବେଳେ ଏହା ଉପରେ ଆଉ ଏକ ପ୍ରସ୍ତାବ ମଧ୍ୟ ଆଗତ କରିଥିଲେ।

*Assembly Review*

## ବିଧାନସଭା-୨

ରାଜ୍ୟର ବିଦ୍ୟାଳୟଗୁଡିକରେ ୨୦୨୫ ମସିହା ସୁଦ୍ଧା ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ ହେବ ବୋଲି ଆଜି ଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦କୁ ସଠିକ

ଭାବେ ଲାଗୁ କରିବା ଓ ସୁଚାରୁ କ୍ରିୟାନ୍ୱୟନ ପାଇଁ କେତେକ ପଦକ୍ଷେପ ନିଆଯାଉଛି । ଏଥିପାଇଁ ଏକ ଟାସ୍କ ଫୋର୍ସ କମିଟି ଓ ଛଅଟି ଉପ-କମିଟି ଗଠନ କରାଯାଇଛି । ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ମତାମତ ସବୁ ବର୍ଗଙ୍କ ଠାରୁ ଗ୍ରହଣ କରିବା ପରେ ଔପଚାରିକ ଭାବେ ଏହାକୁ ଲାଗୁ କରାଯିବ । ବିଦ୍ୟାଳୟଗୁଡିକରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନେଇ ସେ କହିଛନ୍ତି ସରକାର ଏ ନେଇ ପଦକ୍ଷେପ ନେଉଛନ୍ତି । ଖୁବ୍‌ଶୀଘ୍ର ଖାଲିଥିବା ପଦବୀ ପୂରଣ କରାଯିବ ।

***Assembly Review***

## ବିଧାନସଭା-୪

ରାଜ୍ୟରେ ୨୦୨୪-୨୫ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ୧୭ ଲକ୍ଷ ୪୯ ହଜାର ୯୮୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗୃହରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ୨୦୨୩-୨୪ ଖରିଫ ଋତୁରେ ୧୭ ଲକ୍ଷ ୭୨ ହଜାର ୩୪୭ ଜଣ ଚାଷୀ ପଞ୍ଜୀକରଣ କରିଥିଲେ । ସେଇଭଳି ରବିଋତୁରେ ୨ ଲକ୍ଷ ୭୬ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିଲେ ।

***BBSR***

## ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହ

ରାଜ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ଦେଢ଼ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଓୟୁଏଟି ପରିସରରେ ଆଜି ମୁଖ୍ୟମନ୍ତ୍ରୀ ୯୪୧ ଜଣ

ନବନିଯୁକ୍ତ ଅଗ୍ନିଯୋଦ୍ଧାଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ନବନିଯୁକ୍ତ ଅଗ୍ନିଯୋଦ୍ଧା ବିଭାଗକୁ ସୁଦୃଢ଼ କରିବା ସହ ଆଗାମୀ ଦିନରେ ଲୋକଙ୍କ ଜୀବନକୁ ସୁରକ୍ଷା ଦେବା ଓ ଦକ୍ଷତାର ସହିତ ସଫଳ ମୁକାବିଲା କରିବା ଦିଗରେ ସାହାଯ୍ୟ କରିବେ । ଅଗ୍ନିଯୋଦ୍ଧା ଶବ୍ଦକୁ ପରିବର୍ତ୍ତନ କରାଯାଇ ଫାୟାର ଫାଇଟର ବା ଅଗ୍ନିବୀର କରାଯିବ । ଏଥିରେ ମହିଳାମାନଙ୍କୁ ସାମିଲ କରିବାକୁ ସରକାର ଆଗାମୀ ଦିନରେ ନିଷ୍ପତ୍ତି ନେଉଛନ୍ତି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅଗ୍ନି ନିରାପତ୍ତାର ଆଧୁନିକୀକରଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏ ନେଇ ଦମକଳ କେନ୍ଦ୍ର ସଂଖ୍ୟା ୩୧୪ରୁ ୩୪୬କୁ ବୃଦ୍ଧି କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଗ୍ନିଯୋଦ୍ଧାଙ୍କୁ ମାନବତାର ଶ୍ରେଷ୍ଠ ପ୍ରଦର୍ଶନକୁ ଗ୍ରହଣ କରି ସୁଯୋଗର ସଫଳ ଉପଯୋଗ ପାଇଁ ଆହ୍ୱାନ ଦେଇଛନ୍ତି ।

***HS***

## ରାଜ୍ୟପାଳଙ୍କ ସହ ସାକ୍ଷାତ

ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପରିଚାଳନା ଏକାଡେମୀରେ ୨୦୨୧ ବ୍ୟାଚ୍‌ର ଓଡିଶା ଆର୍ଥିକ ସେବା ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନେ ରାଜଭବନକୁ ଆସି ରାଜ୍ୟପାଳ ରଘୁବର ଦାସଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଅଧିକାରୀମାନଙ୍କୁ ନିଜ ପେଶାଗତ ଜୀବନଂରେ ସଫଳ

ହେବାକୁ ସାଧୁତା ଓ ସତ୍ୟନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ବିତ୍ତୀୟ ବିଭାଗ ଅଧିକାରୀମାନେ କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ନିୟମ ଅନୁସାରେ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

***BBSR***

# ପି.ଏମ୍. - ଡି.ଜି.ପି. ସମ୍ମିଳନୀ

ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବେ। ଏ ନେଇ ରାଜ୍ୟ ବି.ଜେ.ପି. ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ୨୯ ତାରିଖ ଅପରାହ୍ନରେ ପହଞ୍ଚିବା ପରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବା ସହ ରାଜଭବନ ପର୍ଯ୍ୟନ୍ତ ରୋଡ୍ ଶୋ'ରେ ଭାଗନେବେ। ଏହାପରେ ଦଳୀୟ କାର୍ଯ୍ୟାଳୟରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ୩୦ ତାରିଖ ଦିନ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବେ ବୋଲି ଶ୍ରୀ ସାମଲ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଭୁବନେଶ୍ୱରରେ କଟକଣା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥାନକୁ ନୋ ଫ୍ଲାଇଙ୍ଗ ଜୋନ୍ ଘୋଷଣା କରାଯାଇଛି। ଏହାସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

***GNR***

# ଅନ୍ନପୂର୍ଣ୍ଣାଦେବୀ-ବାଲ ବିବାହ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ନୂଆଦିଲ୍ଲୀରେ 'ବାଲ୍ ବିବାହ ମୁକ୍ତ ଭାରତ' ଜାତୀୟ ଅଭିଯାନର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ  ମନ୍ତ୍ରୀ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଏହି ଅଭିଯାନକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ହେବ । ଗତ ୧୦ବର୍ଷ ମଧ୍ୟରେ ଦେଶ ମହିଳା ସଶକ୍ତିକରଣ କ୍ଷେତ୍ରରେ ବଡ଼ ଉପଲବ୍ଧି ହାସଲ କରିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଲିଙ୍ଗ ଅନୁପାତ ବୃଦ୍ଧି ପାଇ ପ୍ରତି ୧ ହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୯୩୦ରେ ପହଞ୍ଚିଛି । ସେହିଭଳି ଶ୍ରମ କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଭାଗିଦାରୀ ୪୧ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

ସୂଚନା ଅନୁସାରେ, ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ରରେ ପରିଣତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅବସରରେ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ୍‌ର ମଧ୍ୟ ଉନ୍ମୋଚନ ହୋଇଛି ।

*Nabarangpur*

## ସାଂସଦଙ୍କୁ ସାକ୍ଷାତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରି କଳାହାଣ୍ଡି ସାଂସଦ ମାଳବିକା ଦେବୀ ରାଜ୍ୟରେ ରେଳପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା କରିଛନ୍ତି। ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳଲାଇନ୍ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଶ୍ରୀମତୀ

ମାଳବିକା ଦେବୀ ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ସେହିଭଳି ଭୂମିମାଲିକମାନଙ୍କୁ ଉଚିତ କ୍ଷତିପୂରଣ ସହ ଖୁବ୍‌ଶୀଘ୍ର କାର୍ଯ୍ୟକୁ ଶେଷ କରିବା ସହ ମାଲକାନଗିରି-ଭଦ୍ରାଚଳମ୍ ଓ ନବରଙ୍ଗପୁର-ଜୁନାଗଡ଼ ରେଳଲାଇନ, ରାୟଗଡ଼ା ରେଳମଣ୍ଡଳ କାର୍ଯ୍ୟକୁ ଶେଷ କରିବା ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ବର୍ଷ ଦୁଇ ନୂଆ ରେଳ ଲାଇନ୍‌ର କାମ ଆରମ୍ଭ କରାଯିବ ବୋଲି ରେଳମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

***Puri***

## ସମରାଭ୍ୟାସ

ନୌସେନାର ସମରାଭ୍ୟାସ ଆଜିଠାରୁ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆରମ୍ଭ ହୋଇଛି। ଆଗାମୀ ଡିସେମ୍ବର ୪ ତାରିଖ ନୌସେନା ଦିବସ ପାଳନ ଉପଲକ୍ଷେ ନୌସେନା ପକ୍ଷରୁ ପରାକ୍ରମ ଓ ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ। ନୌସେନାର ଯୁଦ୍ଧଜାହାଜ ପୁରୀ ସମୁଦ୍ର ଉପକୂଳରେ ପହଞ୍ଚିବା ଆରମ୍ଭ କରିଥିବାବେଳେ ବେଳାଭୂମିରେ ଟ୍ୟାଙ୍କ ଓ ନୌସେନା କମାଣ୍ଡୋ ବାହିନୀ ବିଭିନ୍ନ ଉପକରଣ ସାହାଯ୍ୟରେ ଅଭ୍ୟାସ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନୌସେନା ଦିବସକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ପୁରୀ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଜାରି କରାଯାଇଥିବାବେଳେ

ପର୍ଯ୍ୟଟକମାନଙ୍କ ନିମନ୍ତେ ବେଳାଭୂମିକୁ ଯିବାପାଇଁ ମଧ୍ୟ ବାରଣ କରାଯାଇଛି ।

***GNR***

# ଅନ୍ନପୂର୍ଣ୍ଣାଦେବୀ-ବାଲ ବିବାହ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ନୂଆଦିଲ୍ଲୀରେ 'ବାଲ୍ ବିବାହ ମୁକ୍ତ ଭାରତ' ଜାତୀୟ ଅଭିଯାନର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ  ମନ୍ତ୍ରୀ ବାଲ୍ୟବିବାହ ମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଏହି ଅଭିଯାନକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ହେବ । ଗତ ୧୦ବର୍ଷ ମଧ୍ୟରେ ଦେଶ ମହିଳା ସଶକ୍ତିକରଣ କ୍ଷେତ୍ରରେ ବଡ଼ ଉପଲବ୍ଧି ହାସଲ କରିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଲିଙ୍ଗ ଅନୁପାତ ବୃଦ୍ଧି ପାଇ ପ୍ରତି ୧ ହଜାର ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୯୩୦ରେ ପହଞ୍ଚିଛି । ସେହିଭଳି ଶ୍ରମ କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଭାଗିଦାରୀ ୪୧ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

ସୂଚନା ଅନୁସାରେ, ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ରରେ ପରିଣତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅବସରରେ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ୍‌ର ମଧ୍ୟ ଉନ୍ମୋଚନ ହୋଇଛି ।

***BBSR***

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପ୍ୟାଭିଲିୟନ ପୁରସ୍କୃତ ହୋଇଛି। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ ଓଡ଼ିଶା ପକ୍ଷରୁ ରୌପ୍ୟପଦକ ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଗତ ୧୪ ତାରିଖରୁ ପ୍ରଗତି ମୈଦାନରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ମେଳା ଆଜି ଶେଷ ହେଉଛି।

***Puri***

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବାପରେ ଏହି ଗୁପ୍ତନୀତି ଆରମ୍ଭ ହୋଇଛି। ଏଥିପାଇଁ ଆଜି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି।

***Nayagarh***

## ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରେ ଫାଇଲେରିଆ ନିରାକରଣ ନିମନ୍ତେ ଗଣଔଷଧ ସେବନ ପାଇଁ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦୨୫ ମସିହା ଫେବୃୟାରୀ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ

ବ୍ଲକରେ ଫାଇଲେରିଆ ନିରାକରଣ ନିମନ୍ତେ ଔଷଧ ବଣ୍ଟନ କରାଯିବ। ଏଥିରେ ଦୁଇବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଥିବା ଲୋକଙ୍କୁ ବାଦ୍‌ଦେଇ ଅନ୍ୟ ସମସ୍ତେ ଧାର୍ଯ୍ୟ ପାନର ଔଷଧ ସେବନ କରିବାକୁ ଅତିରିକ୍ତ ଜିଲ୍ଲା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନିବେଦନ କରିଛନ୍ତି।

***Boudh***

## ଭୋଟର ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲାରେ ଭୋଟର ପଞ୍ଜୀକରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ନୂତନ ଭୋଟର ଓ ମହିଳା ଭୋଟରମାନଙ୍କୁ ଏଥିରେ ପଞ୍ଜୀକରଣ ପାଇଁ ପ୍ରୋତ୍ସାହନ ଦିଆଯିବା ସହ ନିର୍ବାଚନ ଆୟୋଗର କାର୍ଯ୍ୟକାରିତା, ଭୋଟରମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଇଥିଲା।